# ଓଡ଼ିଶା ବିଧାନସଭା

## ସପ୍ତମ ଅଧିବେଶନ

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୨୮ ସେପ୍ଟେମ୍ବର, ୨୦୨୬

----

**[ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ - ସ୍ୱରାଷ୍ଟ୍ର - ସଂସଦୀୟ ବ୍ୟାପାର - ଅର୍ଥ - ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ - ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି - ମୁଖ୍ୟମନ୍ତ୍ରୀ ].**

**ମୋଟ ପ୍ରଶ୍ନର ସଂଖ୍ୟା 31**

----

### ଖାଦ୍ୟ ଅପମିଶ୍ରଣ ରୋକିବା

*47 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଖାଦ୍ୟ ଅପମିଶ୍ରଣ ରୋକିବାକୁ ବିଗତ ଦୁଇ ବର୍ଷରେ କି ପଦକ୍ଷେପ ଗ୍ରହଣ କରାଯାଇଛି ପ୍ରକାଶ କରି ଅପମିଶ୍ରିତ ଖାଦ୍ୟ ପ୍ରଭାବରୁ ଜନସାଧାରଣଙ୍କୁ ସୁରକ୍ଷା ପ୍ରଦାନ ପାଇଁ କେଉଁ ଜିଲ୍ଲାରେ କି ପଦକ୍ଷେପ ଗ୍ରହଣ କରାଯାଇଛି ?

----

### ପୂର୍ଣ୍ଣାଙ୍ଗ କୋଷାଗାରରେ ପରିଣତ କରିବାକୁ ପଦକ୍ଷେପ

*121 **ଶ୍ରୀ ଛବି ମଲିକ (ନିଆଳି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- କଟକ ଜିଲ୍ଲାର ନିଆଳି ନିର୍ବାଚନ ମଣ୍ଡଳୀରେ ଦୀର୍ଘ ବର୍ଷ ଧରି ଭଡା ଘରେ ଚାଲୁଥିବା ଏକମାତ୍ର ଉପ-କୋଷାଗାରକୁ ମାନ୍ୟତା ପ୍ରଦାନ କରି ଏହାକୁ ପୂର୍ଣ୍ଣାଙ୍ଗ କୋଷାଗାରରେ ପରିଣତ କରିବା ସହିତ ଏହାର ନିଜସ୍ୱ କାର୍ଯ୍ୟାଳୟ ନିର୍ମାଣ ପାଇଁ ସରକାର ପଦକ୍ଷେପ ନେବେ କି ?

----

### ବନ୍ଦ ହୋଇଥିବା Blood Bank କାର୍ଯ୍ୟକ୍ଷମ କରିବା

*122 **ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରେଢ଼ାଖୋଲ ବ୍ଲଡ଼ ବ୍ୟାଙ୍କ କେବେ ଠାରୁ ଓ କାହିଁକି ବନ୍ଦ ପଡିଛି ଓ ଏହା ପୁଣି କାର୍ଯ୍ୟକ୍ଷମ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ କ'ଣ କ'ଣ ପଦକ୍ଷପ ଗ୍ରହଣ କରିଛନ୍ତି ଓ ଏହା କେବେ ସୁଦ୍ଧା ପୁଣି କାର୍ଯ୍ୟକାରୀ ହେବ ?

----

## କାଗଜ ବିହୀନ ଇ-ପ୍ରଶାସନ ସୁବ୍ୟବସ୍ଥିତ କରିବାକୁ ପଦକ୍ଷେପ

*123 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ କାଗଜ ବିହୀନ ଇ-ପ୍ରଶାସନ ସୁବ୍ୟବସ୍ଥିତ କରିବାକୁ ସରକାର ନିଷ୍ପତ୍ତି ନେଇଥିବା ପରିପ୍ରେକ୍ଷୀରେ ଇମେଲ୍ ଯୋଗେ ଆସୁଥିବା ଚିଠିଗୁଡ଼ିକୁ ଅନୁଧ୍ୟାନ କରି ତାହାକୁ କାର୍ଯ୍ୟାନୁଷ୍ଠାନ ନିମିତ୍ତ ଇ-ମେଲ୍ ଯୋଗେ କାର୍ଯ୍ୟ ସମ୍ପାଦନ ଅଧିକାରୀଙ୍କ ନିକଟକୁ ପ୍ରେରଣ କରିବା ସହିତ ଅଧିକାରୀ ଓ କର୍ମଚାରୀଙ୍କ ବଦଳି ଓ ଅବସର ସମୟରେ ସେମାନଙ୍କୁ ପ୍ରଦତ୍ତ ବିଭିନ୍ନ ଚିଠି ଓ ଫାଇଲ୍‌ର ପୂର୍ଣାଙ୍ଗ କାର୍ଯ୍ୟ ବିବରଣୀ ଆହରଣ କରି ସେମାନଙ୍କୁ ଭାରମୁକ୍ତ କରିବାକୁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଜନସ୍ୱାର୍ଥ ସମସ୍ୟାର ତ୍ୱରିତ ସମାଧାନ ନିମନ୍ତେ ପଦକ୍ଷେପ

*124 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ସଂସଦୀୟ ବ୍ୟାପାର** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଧାନସଭା ନିର୍ବାଚିତ ସଦସ୍ୟମାନେ ନିଜ ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ସମସ୍ୟା ଓ ବିକାଶମୂଳକ ପ୍ରସଙ୍ଗ ସମ୍ପର୍କରେ ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ଅଧିକାରୀମାନଙ୍କୁ ଅବଗତ କରାଉଥିବା ବେଳେ, କେତେକ ସ୍ଥାନରେ ସରକାରୀ ଅଧିକାରୀଙ୍କ ଦ୍ୱାରା ମାନ୍ୟବର ବିଧାୟକଙ୍କ ଲିଖିତ ପ୍ରତିନିଧିତ୍ୱ, ସୁପାରିଶ, ଜନସମସ୍ୟା ସମ୍ପର୍କିତ ଅନୁରୋଧ ଓ ସରକାରୀ ବୈଠକରେ ଦିଆଯାଇଥିବା ନିର୍ଦ୍ଦେଶକୁ ଯଥାସମୟରେ ବିଚାର ନକରିବା କିମ୍ବା ଅବହେଳା କରୁଥିବା ଘଟଣା ସରକାରଙ୍କ ଦୃଷ୍ଟିଗୋଚରକୁ ଆସିଛି କି, ଯଦି ହଁ, ତେବେ ୨୦୨୪-୨୫ ଠାରୁ ବର୍ତ୍ତମାନ ସୁଦ୍ଧା ବିଧାୟକମାନଙ୍କ ପକ୍ଷରୁ ଜିଲ୍ଲାପାଳ, BDO, Tahasildar ଓ ଅନ୍ୟାନ୍ୟ କ୍ଷେତ୍ରୀୟ ଅଧିକାରୀଙ୍କୁ ପ୍ରେରିତ ହୋଇଥିବା ଜନସ୍ୱାର୍ଥ ସମ୍ପର୍କିତ ପତ୍ର/ପ୍ରତିନିଧିତ୍ୱ ମଧ୍ୟରୁ କେତୋଟିରେ ନିର୍ଦ୍ଧାରିତ ସମୟରେ action taken report ପ୍ରଦାନ କରାଯାଇଛି ଏବଂ କେତୋଟି ଏପର୍ଯ୍ୟନ୍ତ pending ଅଛି ଏବଂ ନିର୍ବାଚିତ ବିଧାୟକଙ୍କ ଜନସ୍ୱାର୍ଥ ସମ୍ପର୍କିତ ପ୍ରତିନିଧିତ୍ୱକୁ ଅବହେଳା କରୁଥିବା କଥା ସତ୍ୟ କି ?

----

## ନୂତନ ପୋଲିସ ଫାଣ୍ଡି ପ୍ରତିଷ୍ଠା

*125 **ଶ୍ରୀ ଅଶୋକ ମହାନ୍ତି (ପାଲଲହଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ପାଲଲହଡା ନିର୍ବାଚନ ମଣ୍ଡଳୀ ପାଉଡିଭୂୟାଁ ଜମରଡିହଠାରେ ଏକ ପୋଲିସ ଫାଣ୍ଡି/ବିଟ୍ ହାଉସ୍ ପ୍ରତିଷ୍ଠା ପାଇଁ ପଦକ୍ଷେପ ନେବେ କି ?

----

## ମାଙ୍କଡିଆ ଜନଜାତି ମାନଙ୍କର ଆଧାରକାର୍ଡ ପ୍ରସ୍ତୁତ କରିବା

***126 ଶ୍ରୀ ସନ୍ତୋଷ ଖଟୁଆ (ନୀଳଗିରି):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ନୀଳଗିରି ନିର୍ବାଚନମଣ୍ଡଳୀର ଅନେକ ମାଙ୍କଡ଼ିଆ (PVTG) ଜନଜାତି ଲୋକଙ୍କର ଆଧାର କାର୍ଡ଼ ନଥିବା ମୋବାଇଲ ନମ୍ବର ସଂଯୋଗ ନଥିବା ଏବଂ ଅଜ୍ଞାନତା ହେତୁ ସେମାନେ ମୌଳିକ ସରକାରୀ ଯୋଜନାରୁ ବଞ୍ଚିତ ହେବା ସହ ଶୋଷଣର ଶିକାର ହେଉଥିବା ବିଷୟ ଦୃଷ୍ଟିଗୋଚର ହୋଇଛି କି, (ଖ) ଏହି ପିଭିଟିଜି (PVTG) ସମ୍ପ୍ରଦାୟର ସମସ୍ତ ଲୋକଙ୍କୁ ଶତପ୍ରତିଶତ ଆଧାର ପଞ୍ଜୀକରଣ ଓ ସଂଶୋଧନ ସୁବିଧା ଯୋଗାଇଦେବା ପାଇଁ ସେମାନଙ୍କ ଗାଁ/ସାହିରେ ନିୟମିତ ସ୍ୱତନ୍ତ୍ର ଆଧାର କ୍ୟାମ୍ପ (Special Aadhaar Camp) କରିବାର କୌଣସି ପ୍ରସ୍ତାବ ରହିଛି କି ?

----

## ଅର୍ଥ କମିଶନ ସୁପାରିଶ ଅନୁସାରେ କେନ୍ଦ୍ର ଅନୁଦାନ ବୃଦ୍ଧି

***127 ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଅର୍ଥ କମିଶନ ସୁପାରିଶ ଅନୁସାରେ 2025-26 ମସିହା ପାଇଁ କେନ୍ଦ୍ରିୟ ଅନୁଦାନ 2024-25 ମସିହାଠାରୁ ଅଧିକ ଥିବା ସତ୍ୟ କି, ଉତ୍ତର ହଁ ହେଲେ କେଉଁ ବର୍ଷ ପାଇଁ କେତେ ମିଳିବାର ସୁପାରିଶ କରାଯାଇଥିଲା ?

----

## ରାଜ୍ୟରେ ଥିବା Ayushman Arogya mandir center

***128 ଶ୍ରୀ ଇରାସିସ ଆଚାର୍ଯ୍ୟ (ଭଟଲି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତୋଟି Ayushman Arogya Mandir (AAM) centers ଅଛି, ଆଉ କେତୋଟି ନୁଆ ହେବାର ଯୋଜନା ଅଛି, ଭଟଲି ବିଧାନସଭା ମଣ୍ଡଳୀରେ କେତେ ଅଛି ଏବଂ କେତୋଟି ନୁଆ ହେବାର ଯୋଜନା ରଖିଛନ୍ତି, ଏବଂ ତାର Doctor ଓ Staff ଓ Nurse କେବେ ନିଯୁକ୍ତି ଦେବାର ଅଛି ?

----

## ଅଭିଯୋଗ ପ୍ରକୋଷ୍ଠକୁ ଆସୁଥିବା ବ୍ୟକ୍ତି ତୁରନ୍ତ ସମାଧାନ

***129 ଶ୍ରୀ ବିଭୁତି ଭୂଷଣ ବଳବନ୍ତରାୟ (ଜଟଣୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଅନଲାଇନ ମାଧ୍ୟମରେ ବିଭିନ୍ନ ମନ୍ତ୍ରୀ, ବିଭିନ୍ନ ବିଭାଗ, ନିର୍ଦ୍ଦେଶାଳୟ ସହିତ କ୍ଷେତ୍ର କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯୋଡାଯାଇ ପତ୍ର ମାଧ୍ୟମରେ, ଇ ମେଲ ମାଧ୍ୟମରେ ଆସୁଥିବା ଅଭିଯୋଗଗୁଡ଼ିକୁ ତର୍ଜମା କରି ତାହାକୁ ତୁରନ୍ତ ସମାଧାନ କରି ଆବେଦନକାରୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ଅଭିଯୋଗଗୁଡିକର ଆଶୁ ସମାଧାନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ଏବଂ ପ୍ରେରଣ ପାଇଁ ବ୍ୟବସ୍ଥା କରିବେକି?

----

## ଜଗତସିଂହପୁର ନିର୍ବାଚନ ମଣ୍ଡଳୀରେ ନୂତନ Police Station ସ୍ଥାପନ

*130 **ଶ୍ରୀ ଅମରେନ୍ଦ୍ର ଦାସ (ଜଗତସିଂହପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଜଗତସିଂହପୁର ନିର୍ବାଚନ ମଣ୍ଡଳୀର ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଏକ ନୂତନ Police Station କରିବା ପାଇଁ ସରକାରଙ୍କର କିଛି ପ୍ରସ୍ତାବ ଅଛି କି, ଉତ୍ତର ଯଦି ହଁ, ତେବେ ଏହି ବ୍ୟବସ୍ଥାକୁ କେବେସୁଦ୍ଧା କାର୍ଯ୍ୟକରିବା ପାଇଁ ଚିନ୍ତା କରୁଛନ୍ତି ଏବଂ ଉତ୍ତର ଯଦି ନାଁ ହୁଏ, ତେବେ ସରକାର ଏଦିଗରେ ଏ ବିଷୟକୁ ଗୁରୁତ୍ୱ ସହ ଚିନ୍ତାକରି କାର୍ଯ୍ୟ କରିବା ପାଇଁ ବ୍ୟବସ୍ଥା କରିବେ କି ?

----

## ବାଲେଶ୍ୱର ରେ ଚାଲୁଥିବା Software Technology Park କାର୍ଯ୍ୟ

*131 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି: - (କ) ବାଲେଶ୍ୱରଠାରେ Software Technology ପାର୍କ ବା STPI ରେ କେତେଗୋଟି ସଂସ୍ଥା ପାଇଁ ସ୍ଥାନ ଥିବାବେଳେ ବର୍ତ୍ତମାନ କେତୋଟି ସଂସ୍ଥା ଚାଲୁଛି ଓ କେତେ employee ଅଛନ୍ତି ତାହାର ଏକ ସମ୍ପୂର୍ଣ୍ଣ ତଥ୍ୟ ଦେବା ସହ ଆଗାମୀ ଦିନର ଚାହିଦାକୁ ଦେଖି STPI କୁ extension କରିବା ପାଇଁ ସରକାର ବିଚାର କରିବେ କି ?

----

## ସ୍ୱଳ୍ପ ସଞ୍ଚୟ ମାଧ୍ୟମରେ ଜମା ରାଶି

*132 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ ଜିଲ୍ଲାରେ ଜନସାଧାରଣଙ୍କ ମଧ୍ୟରେ ସଞ୍ଚୟ ମନୋଭାବ ସୃଷ୍ଟି ହୋଇ ମୋଟ କେତେ ଜଣ ବ୍ୟକ୍ତି ବ୍ୟାଙ୍କ, ଡାକଘର ମାଧ୍ୟମରେ ଜମା କରୁଛନ୍ତି ତାହାର ତିନି ବର୍ଷର ପରିସଂଖ୍ୟାନ ଦର୍ଶାଇ ଜନସାଧାରଣଙ୍କୁ ସ୍ୱଳ୍ପ ସଞ୍ଚୟ ମାଧ୍ୟମରେ ଜମା କରିବା ପାଇଁ ପ୍ରୋତ୍ସାହିତ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ପଟାଙ୍ଗୀ ନିର୍ବାଚନମଣ୍ଡଳୀର ସରକାରୀ ଡାକ୍ତରଖାନାର ଖାଲିଥିବା ଡାକ୍ତର ଓ ବିଶେଷଜ୍ଞ ପଦବୀ ପୂରଣ

*133 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପଟାଙ୍ଗୀ ନିର୍ବାଚନମଣ୍ଡଳୀର ସରକାରୀ ଡାକ୍ତରଖାନାଗୁଡ଼ିକରେ ଡାକ୍ତର, ବିଶେଷଜ୍ଞ ଓ ଆବଶ୍ୟକ ସ୍ୱାସ୍ଥ୍ୟକର୍ମୀଙ୍କ ପଦବୀ ଖାଲି ରହିବାରୁ ରୋଗୀମାନେ ଚିକିତ୍ସା ପାଇଁ କୋରାପୁଟ କିମ୍ବା ଅନ୍ୟ ସହରକୁ ଯିବାକୁ ବାଧ୍ୟ ହେଉଥିବା ସରକାରଙ୍କ ଦୃଷ୍ଟିଗୋଚରକୁ ଆସିଛି କି; ଯଦି ଆସିଛି, ପଟାଙ୍ଗୀ ଅଞ୍ଚଳର ପ୍ରତ୍ୟେକ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଞ୍ଜୁରୀପ୍ରାପ୍ତ, କାର୍ଯ୍ୟରତ ଓ ଖାଲି ଡାକ୍ତର/ ସ୍ୱାସ୍ଥ୍ୟକର୍ମୀ ପଦବୀ କେତେ ଏବଂ ଖାଲି ପଦବୀଗୁଡ଼ିକ କେବେ ସୁଦ୍ଧା ପୂରଣ କରାଯିବ ?

----

## କାର୍ଯ୍ୟରତ IAS ଅଧିକାରୀ

***134 ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟ ସରକାରଙ୍କ ବିଭିନ୍ନ ଦପ୍ତର ପାଇଁ କେନ୍ଦ୍ର ସରକାର କେତେ IAS ଅଧିକାରୀ ପଦ ମଞ୍ଜୁର କରିଛନ୍ତି; ସେଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା କେତେ IAS ଅଧିକାରୀ କାର୍ଯ୍ୟରତ ଅଛନ୍ତି, କେନ୍ଦ୍ର ସରକାରଙ୍କଠାରୁ କେତେଜଣ Deputationରେ ଯାଇ ବର୍ତ୍ତମାନ କାର୍ଯ୍ୟରତ ଅଛନ୍ତି, IAS ଅଧିକାରୀ ଅଭାବ ଥିବା ଯୋଗୁଁ ପ୍ରଶାସନିକ ସମସ୍ୟା ଦେଖାଦେବା ବେଳେ ସରକାର କଣ ପଦକ୍ଷେପ ଗ୍ରହଣ କରିବେ ?

----

## Police Out Post ଖୋଲିବାକୁ ପଦକ୍ଷେପ

***135 ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ରୋଗୀ ଏବଂ ସହାୟକ ତଥା Casualty ରୋଗୀ ଆସୁଛନ୍ତି ଏବଂ ଯାହାକି ଗ୍ରାମାଞ୍ଚଳ ଥାନାର ଅନ୍ତର୍ଗତ ଅଟେ, ତେଣୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟ ଠାରେ ଏକ ମିନି ପୋଲିସ outpost ସ୍ଥାପନ ନିମନ୍ତେ ବ୍ୟବସ୍ଥା କରିବେ କି, ଯଦି ହଁ, ତେବେ କେବେ ସୁଦ୍ଧା କାର୍ଯ୍ୟକାରି ହେବାକୁ ଯୋଜନା କରୁଛନ୍ତି ?

----

## ଫୁଲବାଣି ନିର୍ବାଚନ ମଣ୍ଡଳୀର Mobile ସେବା

***136 ଶ୍ରୀ ଉମା ଚରଣ ମଲ୍ଲିକ (ଫୁଲବାଣୀ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଫୁଲବାଣୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମସ୍ତ ଗ୍ରାମକୁ ଆଜି ସୁଧା ମୋବାଇଲ ସେବା ଯୋଗା ଯାଇପାରି ନାହିଁ ଓ କେତେକ ସ୍ଥାନରେ JIO କମ୍ପାନୀ ଦ୍ୱାରା ବସାଯାଇଥିବା ଟାୱାରରୁ କେବଳ ଭଏସ କଲ ସୁବିଧା ମିଳୁଥିବା ବେଳେ ଡାଟାର ସୁବିଧା ନଥାଇ ବି ଉପଭୋକ୍ତା ଡାଟା ପାଇ ଚାର୍ଜ ଦେବାକୁ ବାଧ୍ୟ ହେଉଛନ୍ତି । ସେହିପରି କେତେକ ସ୍ଥାନରେ JIO କମ୍ପାନୀ ଦ୍ୱାରା ଟାୱାର ବସାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଚାର୍ଜ କରାଯାଇନାହିଁ; ଫୁଲବାଣୀ ନିର୍ବାଚନ ମଣ୍ଡଳୀର ଏହି ସମସ୍ୟା କେବେ ସୁଧା ସମାଧାନ କରାଯାଇପାରିବ ?

----

## ଡାଟାବେସ୍ ପ୍ରସ୍ତୁତି

***137 ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କେଉଁ ସବୁ ଯୋଜନାର ଅର୍ଥ DBT ମାଧ୍ୟମରେ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ଜମା ହେଉଛି, ସେହି ସମସ୍ତ ଯୋଜନାରେ ରାଜ୍ୟର କେତେ ହିତାଧିକାରୀ ଅଛନ୍ତି, ତାର ତଥ୍ୟ ଯୋଜନା ୱାରୀ ପ୍ରଦାନ କରିବେ କି, ସରକାର ଏହିସବୁ ଯୋଜନାର ହିତାଧିକାରୀଙ୍କ ତଥ୍ୟକୁ ସଂକଳିତ କରି Household levelରେ କୌଣସି Integrated Beneficiary Database ପ୍ରସ୍ତୁତ କରିଛନ୍ତି କି, (ଖ) ଯଦି ପରିବାର-ସ୍ତରୀୟ ଡାଟାବେସ୍ ପ୍ରସ୍ତୁତ ହୋଇଛି, ତେବେ ରାଜ୍ୟରେ ଏପରି କେତେ ପ୍ରତିଶତ ପରିବାର ଅଛନ୍ତି ଯେଉଁମାନେ ଏକାଧିକ ସରକାରୀ ଯୋଜନାର ଲାଭ ପାଉଛନ୍ତି ?

----

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଶବ ବ୍ୟବଚ୍ଛେଦ ସୁବିଧା ପ୍ରଦାନ

*138 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ସରକାରଙ୍କ ପ୍ରଚଳିତ ନିୟମ ଓ ନିର୍ଦ୍ଦେଶାବଳୀ ଅନୁଯାଇ, ପ୍ରତ୍ୟେକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ ସୁବିଧା ରହିବା କଥା, କିନ୍ତୁ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅଧୀନସ୍ଥ ତୁରେକେଲା, ମୁରିବାହାଲ ଓ ସିନ୍ଧେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ ଗୃହ ନଥିବାରୁ ମୃତକଙ୍କ ସମ୍ପର୍କୀୟ ୧୫ ରୁ ୬୦ କି.ମି. ଦୂରତା ରେ ଅବସ୍ଥିତ କଣ୍ଟାବାଞ୍ଜି କିମ୍ବା ଟିଟିଲାଗଡ ଡାକ୍ତରଖାନାକୁ ଶବ ବ୍ୟବଚ୍ଛେଦ ପାଇଁ ଯିବାକୁ ପଡୁଥିବାରୁ ସାଧାରଣ ଜନତା ଅଯଥା ଖର୍ଚ୍ଚାନ୍ତ ତଥା ଅସୁବିଧାର ସମ୍ମୁଖୀନ ହେଉଥିବା ଅବଗତ ଅଛନ୍ତି କି, (ଖ) ଏହି ସମସ୍ୟାକୁ ଦୃଷ୍ଟିଗୋଚର କରି ତୁରେକେଲା, ମୁରିବାହାଲ ଓ ସିନ୍ଧେକେଲା ଗୋଷ୍ଠୀ ସାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ ଓ ଆବଶ୍ୟକୀୟ ଉପକରଣ (Mortury Cabinet) ସ୍ଥାପନ ଏବଂ ଆବଶ୍ୟକୀୟ କର୍ମଚାରୀ ନିଯୁକ୍ତି କରିବାକୁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବେ କି ?

----

## ସରକାରୀ କ୍ୱାର୍ଟର ଭଙ୍ଗାଯିବା ସଂପର୍କରେ

*139 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ସାଧାରଣ ପ୍ରଶାସନ ବିଭାଗ ଅଧୀନରେ ଥିବା ଭୁବନେଶ୍ୱରର କେତୋଟି ସରକାରୀ କ୍ୱାର୍ଟରକୁ ସରକାର ଗତ ଦୁଇ ବର୍ଷ ମଧ୍ୟରେ ସମ୍ପୂର୍ଣ ଭାଙ୍ଗି ଦେଇଛନ୍ତି, ରାଜଧାନୀରେ ସରକାରୀ କ୍ୱାର୍ଟର ଭାଙ୍ଗିବା ପଛର କାରଣ କଣ ; ଉକ୍ତ ସରକାରୀ ଜମି ଗୁଡିକର ବର୍ତ୍ତମାନ ସ୍ଥିତି କଣ ?

----

## ଫାଣ୍ଡିକୁ Upgrade କରି ଥାନାରେ ପରିଣତ

*140 **ଶ୍ରୀ ଦିବ୍ୟ ଶଙ୍କର ମିଶ୍ର (ଜୁନାଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଜୁନାଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୋଲାମୁଣ୍ଡା ବ୍ଲକରେ ଦଶରଥପୁର ଫାଣ୍ଡି ଉପରେ ଅନେକ ଲୋକ ନିର୍ଭର କରି ଚଳନ୍ତି ଏବଂ ଉକ୍ତ ଫାଣ୍ଡିକୁ Upgrade କରି ଥାନାରେ ପରିଣତ କରିବା ପାଇଁ ଆବଶ୍ୟକ ହେଉଥିବା ସମସ୍ତ Criteria ପୂରଣ କରୁଥିବାରୁ ଏଠାରେ ଉକ୍ତ ଫାଣ୍ଡିକୁ ଥାନାକୁ Upgrade କରିବା ପାଇଁ ସରକାର ପଦକ୍ଷେପ ନେବେ କି ?

----

## Identified for Setting of IT Parks on Katak district .

*141 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The proposals received and projects identified for setting up IT parks, data centres and other electronics/technology infrastructure in Kataka district, indicating project-wise proposed investment and present status; (b) the steps taken by the Department to attract IT, electronics and data centre investments to Kataka, including land, infrastructure, incentives and investor facilitation and the number of investors/companies approached or engaged by the Department for investment in Kataka during the last two years and the response received; and the specific projects proposed to be commenced during 2026-27 and the timeline fixed for their implementation?

----

## ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ହୋଇଥିବା ଋଣ ପରିମାଣ

*142 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର ମାର୍ଚ୍ଚ ୩୧, ୨୦୨୪ ସୁଦ୍ଧା କେତେ ଋଣ କରିଥିଲେ ଏବଂ ଏପ୍ରିଲ ୨୦୨୪ରୁ ଅଗଷ୍ଟ ୨୦୨୬ ସୁଦ୍ଧା କେତେ ଋଣ କରାଯାଇଛି ଓ କେଉଁ କେଉଁ ସୂତ୍ରରୁ କେତେ କେତେ ପ୍ରତିଶତ ସୁଧରେ କରାଯାଇଛି; ଚଳିତ ବର୍ଷ ଶେଷ ଅର୍ଥାତ ମାର୍ଚ୍ଚ ୩୧, ୨୦୨୭ ସୁଦ୍ଧା ଏହି ଋଣ ପରିମାଣ କେତେରେ ପହଞ୍ଚିବ ବୋଲି ସରକାର ଆକଳନ କରିଛନ୍ତି ?

----

## ଦେବଗଡ଼ ଜିଲ୍ଲାଠାରେ ଏକ Pharmacy Nursing College ପ୍ରତିଷ୍ଠା

*143 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଦେବଗଡ଼ ଜିଲ୍ଲା ଠାରେ ଏକ Pharmacy Nursing College ପ୍ରତିଷ୍ଠା ପାଇଁ ସରାରଙ୍କର ବିଚାରଧିନ ଅଛି କି; ଦେବଗଡ଼ ଜିଲ୍ଲାର ଶିକ୍ଷିତ ଯୁବକ/ଯୁବତୀ Nursing & Pharmacy ପାଠ ପଢାଇବା ପାଇଁ ଜରୁରୀଥିବାରୁ ଆସନ୍ତା ଆର୍ଥିକ ବର୍ଷ 2026-27 ପାଇଁ ପଦକ୍ଷେପ ନେବେ କି ?

----

## ଅଭିଯୋଗ ଶୁଣାଣି କାର୍ଯ୍ୟକାରିତା

*144 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ଗତ ଦୁଇ ବର୍ଷରେ ରାୟଗଡ଼ା ଜିଲ୍ଲାରୁ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣୀ ପ୍ରକୋଷ୍ଠକୁ ମୋଟ କେତୋଟି ଅଭିଯୋଗ ମିଳିଛି, ସେଥିରୁ କେତୋଟିର ନିଷ୍ପତ୍ତି ହୋଇଛି ଏବଂ ଗୋଟିଏ ଅଭିଯୋଗର ନିଷ୍ପତ୍ତି ପାଇଁ ସର୍ବାଧିକ କେତେ ସମୟ ଲାଗିଛି, (ଖ) ଏହି ସମୟ ମଧ୍ୟରେ ରାୟଗଡ଼ା ସମ୍ପର୍କିତ କେତେଟି ଅଭିଯୋଗ ଜାତୀୟ ଅନୁସୂଚିତ ଜନଜାତି କମିଶନଙ୍କ ନିକଟକୁ ପ୍ରେରିତ କିମ୍ବା ସେଠାରୁ ପ୍ରାପ୍ତ ହୋଇଛି ଏବଂ କମିଶନଙ୍କ ଚିଠି, ନୋଟିସ୍ ଓ ନିର୍ଦ୍ଦେଶ ଉପରେ ସରକାର ଓ ଜିଲ୍ଲା ପ୍ରଶାସନ କି ପଦକ୍ଷେପ ନେଇଛନ୍ତି, ଜିଲ୍ଲାପାଳଙ୍କ ଅଭିଯୋଗ ସଂଖ୍ୟା ୪୧/୯୦୩ (୦୬ ୦୪.୨୦୨୬), ୦୬/୧୧୧୨ (୦୪.୦୫.୨୦୨୬) ଏବଂ ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠର DEPT20261620903 (୩୧.୦୫.୨୦୨୬) ଉପରେ ଏପର୍ଯ୍ୟନ୍ତ କି ପଦକ୍ଷେପ ନିଆଯାଇଛି, କେତେ ଟଙ୍କାର କ୍ଷତିପୂରଣ ବା ସହାୟତା ଦିଆଯାଇଛି ?

----

## ପୋଲିସ ଅଧିକାରୀ ପଦବୀ ପୂରଣ

***145 ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ ମୋଟ କେତେଗୋଟି OPS, Additional SP ପଦ ଖାଲିଅଛି ଏବଂ ସରକାର ଏହାକୁ ପୂରଣ ନିମନ୍ତେ କି କି ପଦକ୍ଷେପ ନେଇଛନ୍ତି ; (ଖ) ବର୍ତ୍ତମାନ ମୋଟ କେତେଗୋଟି OPS ଅଧିକାରୀ SP ଏବଂ OPS, DSP ଅଧିକାରୀ ବା ଅଫିସରମାନଙ୍କୁ Additional SP ପଦକୁ ପଦୋନ୍ନତି କରିବା ପାଇଁ ବିଚାର କରୁଛନ୍ତି କି ଏବଂ କେଉଁ ସମୟ ସୀମା ମଧ୍ୟରେ ସମସ୍ତ OPS, DSP ମାନଙ୍କୁ Additional SP ପାହ୍ୟାକୁ ପଦୋନ୍ନିତ କରିବେ?

----

## ଜିଲ୍ଲାରେ କମ୍ପ୍ୟୁଟର ସାକ୍ଷରତା ପ୍ରବୀଣତାର ସ୍ଥିତି

***146 ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାୟଗଡ଼ା ଜିଲ୍ଲାରେ କମ୍ପ୍ୟୁଟର ସାକ୍ଷରତା ଓ ପ୍ରବୀଣତାର ସ୍ଥିତି କେମିତି ରହିଛି, ସଂସ୍ଥା ଓ ଏଜେନ୍ସୀ ମାନଙ୍କର ନାମ, କାର୍ଯ୍ୟକ୍ଷେତ୍ର ଓ ପ୍ରଭାବ ସହିତ ସବିଶେଷ ତଥ୍ୟ ପ୍ରଦାନ କରିବେ କି; A1 ଶିକ୍ଷା ପ୍ରୟାସ କେତେ ଆରମ୍ଭ ହୋଇଛି ଓ କେଉଁ କେଉଁ ସଂସ୍ଥା/ଏଜେନ୍ସୀ ଏଥିରେ କାର୍ଯ୍ୟରତ, ସରକାରୀ ସହଯୋଗ ଦିଆଯାଇଛି କି ଓ କେତେ ଅର୍ଥ/ସାଧନ ବିନିଯୋଗ ହୋଇଛି; AI ଶିକ୍ଷା ପାଇଁ ପାଇଲଟ୍ ପ୍ରକଳ୍ପ କେଉଁ ଜିଲ୍ଲାରେ ଆରମ୍ଭ ହୋଇଛି ଓ ତାହାର ଫଳାଫଳ କେମିତି ରହିଛି ?

----

## ସରକାରଙ୍କ ଦ୍ୱାରା ହୋଇଥିବା ଋଣ

***147 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ଚଳିତ ବର୍ଷ ସୁଦ୍ଧା ରାଜ୍ୟର ଋଣ ଭାର କେତେ, (ଖ) ଗତ ୧୦ ବର୍ଷ – ୨୦୧୫-୨୦୧୬ ଠାରୁ ୨୦୨୫-୨୦୨୬ ମଧ୍ୟରେ ବର୍ଷୱାରୀ ରାଜ୍ୟ ସରକାର କେତେ ଋଣ କରିଥିଲେ ତାର ପରିସଂଖ୍ୟାନ ଦେବେ କି, ଏବଂ ବର୍ତ୍ତମାନ ରାଜ୍ୟର ଛୁଆ ଠାରୁ ବୁଢା ପର୍ଯ୍ୟନ୍ତ ମୁଣ୍ଡ ପିଛା ପାଖାପାଖି କେତେ ଆର୍ଥିକ ବୋଝ ବୋହିବେ ଓ ଯଥାକ୍ରମେ ଆମେ ବର୍ତ୍ତମାନ ଋଣ ବାବଦ କେତେ ଶତକଡା ସୁଧ ଗଣୁଛୁ ଓ ମୂଳ ଋଣରୁ ଶତକଡା କେତେ ଶୁଝିବା ଓ ଚଳିତ ବଜେଟରୁ ସମୁଦାୟ କେତେ ଶତାଂଶ ଶୁଝିବା ଓ ଏହି ପରିଶୋଧ ରାଶିଟି ପ୍ରାୟ କେତେ କୋଟି ଟଙ୍କା ହେବ ?

----

## Dialysis Center at SDH Birmaharajpur

*148 **ଶ୍ରୀ ରଘୁନାଥ ଜଗଦଲା (ବୀରମହାରାଜପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- The Birmaharajpur SDH has nearly 300 Patients requiring dialysis; Those are presently doing at DHH, Sonepur; Some patients are travelling nearly 70 KM for doing this ; Is there any plan for set up dialysis center at SDH, Birmaharajpur?

----

## ଜମି ମାଫିଆଙ୍କ ଠାରୁ ଜମି ଉଦ୍ଧାର

*149 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ସରକାର ଗତ 2 ବର୍ଷ ଭିତରେ କେତେ ପରିମାଣରେ ସରକାରୀ ଜମି ମାଫିଆମାନଙ୍କ ଠାରୁ ଉଦ୍ଧାର କରିଛନ୍ତି ; ବହୁ ସଂଖ୍ୟାରେ ଜମି ଦଲାଲ୍ ସରକାରୀ ଜମିକୁ ନିଜ ଜମି କହି ବିକ୍ରି କରିଦେଉଥିବାର ଖବର ସରକାର ଜାଣନ୍ତି କି ; ଯଦି ହଁ, ତେବେ ବଳପୂର୍ବକ ଜମି ଜବରଦସ୍ତ ନିଜ କବଜାରେ ମାଡିବସିଥିବା ଜମିଗୁଡିକର ପରିମାଣ କେତେ?

----

## ପାତ୍ରପୁର ଠାରେ ଥାନା ସ୍ଥାପନ

*150 **ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଚିକିଟି ନିର୍ବାଚନମଣ୍ଡଳୀର ପାତ୍ରପୁର ବ୍ଲକର ପାତ୍ରପୁର ବ୍ଲକ ହେଡକ୍ୱାର୍ଟର ଅଟେ ଚଳିତ ବର୍ଷ ସରକାର ଏହାକୁ ବିଜ୍ଞାପିତ ଅଂଚଳ ପରିଷଦ NAC ର ମାନ୍ୟତା ଦେଇଛନ୍ତି ଏବଂ ଅନ୍ୟାନ୍ୟ ବହୁ ସରକାରୀ କାର୍ଯ୍ୟାଳୟ ଏଠାରେ ଅଛି ପ୍ରତିଦିନ ହଜାର ହଜାର ଲୋକ ଏଠାକୁ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟରେ ଆସନ୍ତି ଏହା ଜରଡା ଥାନା ଅଧିନରେ ଅବସ୍ଥିତ ଯାହାକି ଦିର୍ଘ 16 କିମି ଦୂରତା ହେବ ତେଣୁ ଏ ଦୃଷ୍ଟିରୁ ପାତ୍ରପୁର ଠାରେ ଏକ (Police Station) ଥାନା ସ୍ଥାପନ ପାଇଁ ବ୍ୟବସ୍ଥା କରିବେକି?

----